**॥ ୨୦୨୩- ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ମେଳା ସୂଚାରୁ ରୂପେ ସମ୍ପାଦନ କରାଯିବ ନିମନ୍ତେ ତା-୨୦.୧.୨୦୨୩ ରିଖ ସ୍ୱତନ୍ତ୍ର ପ୍ରଦକ୍ଷଣ ସଭା ଗୃହରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ସମନ୍ୱୟ କମିଟି ବୈଠକର ବିବରଣୀ ॥**

---

ଚଳିତ ବର୍ଷ ମାଘ ସପ୍ତମୀ ମେଳା ତା-**୨୭.୧.୨୦୨୩** ରିଖ ଶୁକ୍ରବାର **ଷଷ୍ଠୀ** ତିଥି ଠାରୁ ଆରମ୍ଭ ହୋଇ ତା-**୨୮.୧.୨୦୨୩** ରିଖ ଶନିବାର **ସପ୍ତମୀ** ଦିନ ପର୍ଯ୍ୟନ୍ତ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ମେଳା ପଡିଆରେ ଅନୁଷ୍ଠିତ ହେବ । ଏହି ଚନ୍ଦ୍ରଭାଗା ମେଳା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତ ଚନ୍ଦ୍ରଭାଗାରେ ବୁଡ ପକାଇବା ନିମନ୍ତେ ସମାଗମ ହୋଇଥାନ୍ତି । ଏହି ମେଳାକୁ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଜିଲ୍ଲାପାଳ, ପୁରୀଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ ବୈଠକ ତା-୨୦.୦୧.୨୦୨୩ରିଖ ଅପରାହ୍ନ ଘ.୦୪.୦୦ ଟିକା ସମୟରେ ସ୍ୱତନ୍ତ୍ର ପ୍ରଦକ୍ଷଣ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ, ଜିଲ୍ଲା ସ୍ତରୀୟ ଅଧିକାରୀଗଣ ସମେତ ସେବାୟତ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ସଭ୍ୟଙ୍କ ତାଲିକା ପରିଶିଷ୍ଟ '**କ**' ରେ ଦର୍ଶଯାଇଅଛି ।

ସର୍ବ ପ୍ରଥମେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଭ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଚନ୍ଦ୍ରଭାଗା ମେଳା ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ସଭ୍ୟମାନଙ୍କ ସହଯୋଗ କାମନା କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଚନ୍ଦ୍ରଭାଗା ମେଳାକୁ ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ନିମନ୍ତେ ନିମ୍ନ ବର୍ଣ୍ଣିତ ବିଷୟ ଉପରେ ଆଲୋଚନା କରାଯାଇ ସିଦ୍ଧାନ୍ତ ଗ୍ରହଣ କରଯାଇଥିଲା ।

**୧) ନୀତି ସମ୍ପାଦନ :-**

ଉପଜିଲ୍ଲାପାଳ, ପୁରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସବ୍ କମିଟି ବୈଠକରେ ତା ୨୭.୧.୨୦୨୩ ରିଖ ଶୁକ୍ରବାର ଠାକୁରମାନଙ୍କ ନୀତି ସମ୍ପାଦନର ଶୁଭ ମୂହୁର୍ତ୍ତ ନିମ୍ନମତେ ନିର୍ଦ୍ଧାରିତ ହୋଇଥିଲା ।

- ତା-୨୭.୦୧.୨୦୨୩ ରିଖ ଶୁକ୍ରବାର ଷଷ୍ଠୀ
- ରାତ୍ର ଘ. ୮.୧୦ ମିନିଟ ରୁ ଘ.୧୦.୪୩ମିନିଟ ମଧ୍ୟରେ ଠାକୁରଙ୍କ ବିମାନ ବିଜେ ।
- ରାତ୍ର ଘ.୧୧.୩୦ ରୁ ଘ.୧୨.୦୦ ଟିକା ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିଷଦରେ ଠାକୁରଙ୍କ ପୂଜା ଓ ଭୋଗଲାଗି ।
- ରାତ୍ର ଘ.୧୨.୦୦ ଟିକା ମଧ୍ୟରେ ତିନିଠାକୁର କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖସ୍ଥିତ ପୂଜାମଣ୍ଡପରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରାଯିବ ।
- ରାତ୍ର ଘ.୧.୧୬ ଟିକାରୁ ଘ.୩.୫୦ ଟିକା -ଠାକୁରମାନଙ୍କର ପୂଜାର୍ଚ୍ଚନା ଓ ମହାସ୍ନାନ ।

ରାତ୍ର ଘ.୪.୪୧ ଟିକା ରୁ ଘ.୬.୨୪ ଟିକା ମଧ୍ୟରେ ଠାକୁରମାନଙ୍କର ମହାସ୍ନାନ ପରେ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ

ପୂର୍ବ ବର୍ଷ ମାନଙ୍କ ଭଳି ପବିତ୍ର ଚନ୍ଦ୍ରଭାଗା ପୁଷ୍କରିଣୀରେ ବୁଡ ପକାଇବାର ସୁଯୋଗ ଦିଆଯିବା ପାଇଁ ବୈଠକରେ ସ୍ଥିର କରାଗଲା ।

**(ଖ)** ଠାକୁର ମାନଙ୍କର ମେଳା ପଡିଆକୁ ବର୍ଣ୍ଣାଢ୍ୟ ଶୋଭା ଯାତ୍ରାରେ ବାହାରିବା ଦାୟିତ୍ୱ ନିମ୍ନଲିଖିତ ଅଧିକାରୀମାନଙ୍କ ମଧ୍ୟରେ ବଣ୍ଟନ କରାଗଲା ।

*** ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ -**

**ଅତିରିକ୍ତ** ତହସିଲଦାର, ଗୋପ/ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ତହସିଲଦାର, ନିମାପଡା/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା/ଶ୍ରୀ ସଞ୍ଜୟ କୁମାର ରାଉତରାୟ,ସଭ୍ୟ

*** ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ଦେବ -**

ମଣ୍ଡଳ ଉନ୍ନୟନ ଅଧିକାରୀ,କାକଟପୁର/ ତହସିଲଦାର,ଅସ୍ତରଙ୍ଗ/କୋଣାର୍କ ଥାନାର ଜଣେ ଅଧିକାରୀ/ଶ୍ରୀ ଶରତ ଚନ୍ଦ୍ର ମାହାରି,କୁରୁଜଙ୍ଗ/ସରପଞ୍ଚ,କୁରୁଜଙ୍ଗ ଗ୍ରାମ ପଞ୍ଚାୟତ

*** ଶ୍ରୀ ଶ୍ରୀ ଇଶାଣେଶ୍ୱର ଦେବ -**

ତହସିଲଦାର, କାକଟପୁର/ଅତିରିକ୍ତ ତହସିଲଦାର, ଗୋପ/କୋଣାର୍କ ଥାନାର ଜଣେ ଅଧିକାରୀ/ଶ୍ରୀ ଶରତ ଚନ୍ଦ୍ର ମାହାରି,କୁରୁଜଙ୍ଗ/ସରପଞ୍ଚ ,କୁରୁଜଙ୍ଗ ଗ୍ରାମପଞ୍ଚାୟତ

**(ଗ)** ଚନ୍ଦ୍ରଭାଗା ମେଳା ନିମନ୍ତେ ସବ୍ କମିଟି ଗଠନ କରାଯାଇଅଛି । ଉକ୍ତ ସବ୍ କମିଟିରେ ଉପଜିଲ୍ଲାପାଳ,ପୁରୀ, ତହସିଲଦାର, ଗୋପ/ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ ମଣ୍ଡଳ ଉନ୍ନୟନ ଅଧିକାରୀ, ଅସ୍ତରଙ୍ଗ / ତହସିଲଦାର, କାକଟପୁର/ ତହସିଲଦାର, ନିମାପଡା/ ତହସିଲଦାର, ଅସ୍ତରଙ୍ଗ/ଉପଖଣ୍ଡ ଆରକ୍ଷୀ ଅଧିକାରୀ , ନିମାପଡା /ନିର୍ବାହୀ ଅଧିକାରୀ,କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା/ତିନି ଠାକୁରଙ୍କ ସେବାୟତ ରହିବେ ଏବଂ ମେଳା କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

**(ଘ)ମନ୍ଦିର ଚୂନ ଧଉଳା କାର୍ଯ୍ୟ:**

ତିନି ଠାକୁର ଯଥା- (୧) ଗୋପ ତହସିଲ ଅନ୍ତର୍ଗତ ମାଧିପୁର ଗ୍ରାମର **ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ**, (୨) କାକଟପୁର ତହସିଲ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମର **ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ଦେବ**, (୩)ସନ୍ଥପୁର ଗ୍ରାମର **ଶ୍ରୀ ଶ୍ରୀ ଇଶାଣେଶ୍ୱର ଦେବଙ୍କ** ମନ୍ଦିର ଚୂନ ଧଉଳା କାର୍ଯ୍ୟ ଯଥା ଶୀଘ୍ର ଶେଷ କରିବା ପାଇଁ ନିର୍ବାହୀ ଅଧିକାରୀ,କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଏଥି ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିବେ।

*[କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧିକ୍ଷକ, ପୁରୀ/ ଉପଜିଲ୍ଲାପାଳ,ପୁରୀ/ତହସିଲଦାର, ଗୋପ/ କାକଟପୁର/ ନିମାପଡା /ଅସ୍ତରଙ୍ଗ / ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ/ କାକଟପୁର /ନିମାପଡା/ଅସ୍ତରଙ୍ଗ/ନିର୍ବାହୀ ଅଧିକାରୀ,କୋଣାର୍କ NAC/ ଆରକ୍ଷୀ ନିରୀକ୍ଷକ, କୋଣାର୍କ ଥାନା/ କନିଷ୍ଠ ଯନ୍ତ୍ରୀ ,କୋଣାର୍କ NAC]*

**୨) ସ୍ୱାସ୍ଥ୍ୟ ଓ ପରିମଳ :-**

**କ) ସ୍ୱାସ୍ଥ୍ୟ:-** ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ଚନ୍ଦ୍ରଭାଗା ମେଳାରେ ଅଧିକ ସଂଖ୍ୟକ ଯାତ୍ରୀ ସମାଗମକୁ ଦୃଷ୍ଟିରେ ରଖି ସଂକ୍ରାମକ ରୋଗ ନିରାକରଣ ନିମନ୍ତେ ରାମଚଣ୍ଡୀ ଠାକୁରାଣୀ ଛକ, ଚନ୍ଦ୍ରଭାଗା ମେଳା ପଡିଆ, ବେଗୁନିଆ ଛକ, ହେଲିପ୍ୟାଡ ଓ କୋଣାର୍କ ବସ୍ ଷ୍ଟାଣ୍ଡ ନିକଟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର ତା-୨୭.୦୧.୨୦୨୩ ଓ ତା-୨୮.୦୧.୨୦୨୩ ରିଖ ଖୋଲାଯିବା ସହିତ ଏକ IEC ଷ୍ଟଲ୍ କରାଯିବା ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । କୋଣାର୍କ ଚିକିତ୍ସାଳୟରେ ଅଧିକ ଶଯ୍ୟା, ଆମ୍ବୁଲାନ୍ସ, ଔଷଧ ମହଜୁଦ୍ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା ଏବଂ ରାତ୍ର ଜଗୁଆଳିର ବ୍ୟବସ୍ଥା କରିବେ । କୋଣାର୍କ ଡାକ୍ତରଖାନାରେ ଜଣେ ସ୍ଥାୟୀ ଡାକ୍ତର ସହ ଜଣେ ଅତିରିକ୍ତ ଡାକ୍ତର ମେଳା ଉପଲକ୍ଷେ ନିୟୋଜିତ ରହିବେ ଏବଂ casuality ୩ ଦିନ ଧରି ଅହୋରାତ୍ର କାର୍ଯ୍ୟକ୍ଷମ ନିମନ୍ତେ ବ୍ୟବସ୍ଥା କରିବେ । ଏତତ୍ ବ୍ୟତୀତ କୋଣାର୍କ ସଂଲଗ୍ନ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ,ପାରା ମେଡିକାଲ ଷ୍ଟାଫ ମୁତୟନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିହିତ ପଦକ୍ଷେପ ନେବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଚଳିତ୍ ମେଳା ସମୟରେ ଯେପରି COVID କଟକଣାକୁ ଠିକ ଭାବେ ଅନୁପାଳନ କରାଯିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ବୈଠକରେ ଜିଲ୍ଲାପାଳ ପରାମର୍ଶ ଦିଆଗଲା ।

ତତ୍ ସଙ୍ଗେ ସଙ୍ଗେ ରାମଚଣ୍ଡୀ ଠାକୁରାଣୀ ଛକଠାରୁ ଚନ୍ଦ୍ରଭାଗା ମେଳା ପଡିଆ ପର୍ଯ୍ୟନ୍ତ ୨ ଗୋଟି ଭ୍ରାମ୍ୟମାଣ ଚିକିତ୍ସା ଗାଡି ଆହୋରାତ୍ର କାର୍ଯ୍ୟ କରିବ ଓ ୩ ଗୋଟି ambulance ଚନ୍ଦ୍ରଭାଗା,ରାମଚଣ୍ଡୀ ଆଦି ସ୍ଥାନରେ ମୁତୟନ କରାଯିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ,ପୁରୀ ବିହିତ ପଦକ୍ଷେପ ନେବେ ।

ଖାଦ୍ୟ ଅପମିଶ୍ରଣକୁ କଡାକଡି ଭାବେ ତନଖି କରିବା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ମେଳାର ୩ ଦିନ ପୂର୍ବରୁ ମୁତୟନ କରାଯିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଖାଦ୍ୟ ଦୋକାନରେ ଖାଦ୍ୟରମାନ ଯାଞ୍ଚ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ଏବଂ ମୋବାଇଲ୍ କୋର୍ଟ କାର୍ଯ୍ୟକ୍ଷମ ହେବ । କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ମଧ୍ୟ ଖାଦ୍ୟ ଯାଞ୍ଚ ନିମନ୍ତେ ଏକ ଦଳ ମୁତୟନ କରାଯିବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା।

*[କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ,ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ଖାଦ୍ୟ ସୁରକ୍ଷା ଅଧିକାରୀ,ପୁରୀ]*

**ଖ) ପରିମଳ :**

ରାସ୍ତା ପାର୍ଶ୍ୱରେ ଡ୍ରେନ୍ ଓ ନାଳକୁ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ମେଳା ପୂର୍ବରୁ ସଫା କରିବେ ଓ ରାସ୍ତା କଡରେ ଥିବା ବାଲି ,ଗୋଡି ଇତ୍ୟାଦିକୁ ତୁରନ୍ତ ସଫା କରିବାପାଇଁ ବୈଠକରେ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା । ମେଳାକୁ ଦୃଷ୍ଟିରେ ରଖି କୋଣାର୍କ NAC ତରଫରୁ ମେଳା ପଡିଆ,ରାସ୍ତାଘାଟ ,ସାହି , ଗଳି ଇତ୍ୟାଦି ସଫେଇ କରିବାକୁ ବୈଠକରେ ପରାମର୍ଶ ଦିଆଗଲା । ମେଳା ସମୟରେ ଯେପରି ପଲିଥିନ୍ , ପ୍ଲାଷ୍ଟିକ ବ୍ୟବହାର ନହୁଏ ସେଥି ପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବେ ।

ନିର୍ବାହୀ ଯନ୍ତ୍ରୀ ,RWSS,ପୁରୀ ମେଳା ପଡିଆରେ ମୋଟ ୮୦ ଗୋଟି ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାରର ବ୍ୟବସ୍ଥା ତ-୨୩.୧.୨୦୨୩ ରିକହ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାରକୁ ଟିଣ ଚଦର ଘେର କରାଯିବ । କୌଣସି ପୁରୁଣା ବା ଭଙ୍ଗା ପାଇଖାନା ବ୍ୟବହାର ନକରିବା ନିମନ୍ତେ RWSS ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜୟଦେବ ବାଟିକା ଠାରେ ଏକ ଅସ୍ଥାୟୀ ପାଇଖାନା ବସାଇବା ପାଇଁ RWSS ଅଧିକାରୀଙ୍କୁ ବୈଠକରେ ପରାମର୍ଶ ଦିଆଗଲା । ପାଇଖାନା ଗୁଡିକୁ ସଫା ରଖିବା ପାଇଁ WATCO ପାଣି ସହ ସ୍ପ୍ରେୟର ନିର୍ବାହୀ ଅଧିକାରୀଙ୍କୁ ଯୋଗାଇ ଦେବେ ।

ନିର୍ବାହୀ ଅଧିକାରୀ ,କୋଣାର୍କ NAC ମେଳା ପଡ଼ିଆ ,ଚନ୍ଦ୍ରଭାଗା ପୁଷ୍କରିଣୀ ,ପାନୀୟ ଜଳ ଉତ୍ସ ,ଅସ୍ଥାୟୀ ପାଇଖାନା ତଥା ପରିଶ୍ରାଗାର ଇତ୍ୟାଦି ସ୍ଥାନରେ ବ୍ଲିଚିଙ୍ଗ୍ ପାଉଡର ପକାଇବେ । କୋଣାର୍କ ଚିକିତ୍ସାଳୟ ପରିସରକୁ ନିର୍ବାହୀ ଅଧିକାରୀ ,କୋଣାର୍କ 7 ଦିନ ପୂର୍ବରୁ ସଫା ସୁତୁରା ରଖିବା ପାଇଁ ବୈଠକରେ ଦାୟିତ୍ୱ ଅର୍ପଣ କରଯାଇଥିଲା । ମେଳା ଶେଷର 2 ଦିନ ମଧ୍ୟରେ କୋଣାର୍କ ତଥା ଚନ୍ଦ୍ରଭାଗା ମେଳା ପଡିଆକୁ ତୁରନ୍ତ ସଫା କରିବାକୁ ବୈଠକରେ ଜିଲ୍ଲାପାଳ ,ପୁରୀ ନିର୍ଦ୍ଦେଶ ଦେଇଥିଲେ । କୋଣାର୍କ NAC ତରଫରୁ ମେଳା ପଡିଆରେ dustbin ରଖିବାର ବ୍ୟବସ୍ଥା କରାଯିବ । ଏଥି ସହିତ ମାଇକ ସେଟ ମାଧ୍ୟମରେ ପାଇଖାନା , ପରିଶ୍ରାଗାର , dustbin ବ୍ୟବହାର କରିବାକୁ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଉଡେନ ରେଷ୍ଟୁରାଣ୍ଟ ପାଖ ପାଇଖାନାଗାରକୁ କୋଣାର୍କ NAC ପରିଚାଳନା କରିବା ସହ ରାତ୍ର ୯ ଘଟିକା ଓ ୪ ଘଟିକା ସମୟରେ ପରିଷ୍କାର କରିବେ ଏବଂ ସେଠାରେ ବିଦ୍ୟୁତ ଆଲୋକ ର ମଧ୍ୟ ବ୍ୟବସ୍ଥା କରିବେ ।

ଏତତ ବ୍ୟତିତ ପ୍ରତ୍ନତତ୍ତ୍ୱ ବିଭାଗର ମ୍ୟୁଜିୟମ ପାର୍କିଂ ସ୍ଥାନକୁ ପରିଷ୍କାର କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଏବଂ ଉକ୍ତ ସ୍ଥାନକୁ ପାର୍କିଂ ଉପଯୋଗୀ କରିବା ପାଇଁ ବୈଠକରେ ପରାମର୍ଶ ଦିଆଗଲା ।

*[କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ,ପୁରୀ/ନିର୍ବାହୀ ଅଧିକାରୀ, କୋଣାର୍କ NAC /ନିର୍ବାହୀ ଯନ୍ତ୍ରୀ,RWSS,ପୁରୀ/ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ପୁରୀ /ପ୍ରତ୍ନତତ୍ତ୍ୱ ବିଭାଗ /WATCO ,ପୁରୀ ]*

**୩) ପାନୀୟ ଜଳ ଯୋଗାଣ :**

ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ଚନ୍ଦ୍ରଭାଗା ମେଳା ସମୟରେ General Manager, WATCO, ପୁରୀ ତରଫରୁ ମେଳା ପଡିଆ, ପୋଲିସ ବାରାକ୍, ସୂଚନା କେନ୍ଦ୍ର, first aid camp, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର, ହେଲିପ୍ୟାଡ, କୋଣାର୍କ ହାଇ ସ୍କୁଲ, ଦାମୋଦର ଉଚ୍ଚ ବିଦ୍ୟାଳୟ, Sanskrit toll, ନବଗ୍ରହ, ଜୟଦେବ ବାଟିକା ଛକ, ଚନ୍ଦ୍ରଭାଗା ଇତ୍ୟାଦି ସ୍ଥାନରେ ନଳକୂପ ମାଧ୍ୟମରେ ଜଳ ଯୋଗାଣ କରିବାକୁ ବୈଠକରେ ସ୍ଥିର କରାଗଲା । ମେଳା ପୂର୍ବରୁ ୨୪୦ଟି ନଳକୂପର ମରାମତି, ୬୦ ଅସ୍ଥାୟୀ

ନଳକୂପ ଖନନ, ୫ ଗୋଟି Syntex ପାଣିଟାଙ୍କି , ୭୦ ଟି ଷ୍ଟାଣ୍ଡପୋଷ୍ଟ ମରାମତି ଓ ୨୦ ଟି ନୂତନ ଷ୍ଟାଣ୍ଡପୋଷ୍ଟ ର ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା । ଏତଦ୍ ବ୍ୟତୀତ ୭ ଗୋଟି ପାଣି ଟ୍ୟାଙ୍କର ମାଧ୍ୟମରେ ଲାବଣ୍ୟ ଛକ, ହେଲିପ୍ୟାଡ, ଚନ୍ଦ୍ରଭାଗା ଛକ, ପୁଷ୍କରିଣୀ, ପୁରୀ-କୋଣାର୍କ ରାସ୍ତାରେ ପାନୀୟ ଜଳ ବଣ୍ଟନର ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି General Manager, WATCO, ପୁରୀ ପ୍ରକାଶ କରିଥିଲେ । ଏତଦ୍ ବ୍ୟତୀତ ନବଗ୍ରହ, ହେଲିପ୍ୟାଡ, ବସ୍ ଷ୍ଟାଣ୍ଡ, ଜୟଦେବ ବାଟିକା, ପୋଲିସ ଶିବିରରେ ମେଳା ପୂର୍ବରୁ ନଳକୂପର ସୁବିଧା କରିବା ପାଇଁ General Manager, WATCO, ପୁରୀ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ ।

General Manager, WATCO, ପୁରୀ ଓ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ, ପୁରୀ ର ମେକାନିକାଲ୍ ଟିମ୍ ପ୍ରତି ୨ ଘଣ୍ଟା ଅନ୍ତରରେ ସମସ୍ତ ନଳକୂପ ତଥା ପାଣି ଯୋଗାଣ ସ୍ଥାନକୁ ତଦାରଖ କରି ଆବଶ୍ୟକ ମରାମତି କାର୍ଯ୍ୟ କରିବେ ।

*[କାର୍ଯ୍ୟାନୁଷ୍ଠାନ : GM,WATCO ,ପୁରୀ/ନିର୍ବାହୀ ଅଧିକାରୀ ,କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ନିର୍ବାହୀ ଯନ୍ତ୍ରୀ ,RWSS,ପୁରୀ ]*

**୪) ବିଦ୍ୟୁତ ଆଲୋକ ଯୋଗାଣ :**

ମେଳା ପଡିଆରେ ଉଜ୍ଜଳ ଆଲୋକ ଓ ସମସ୍ତ ଅଧିକାରୀଙ୍କ ଶିବିରକୁ ଆଲୋକିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ପାଇଖାନା ଓ ପରିସ୍ରାଗାର ମଧ୍ୟ ଆଲୋକିତ କରିବା ପାଇଁ ଜିଲ୍ଲାପାଳ କୋଣାର୍କ NAC ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାରେ ଉଜ୍ଜଳ ଆଲୋକର ବ୍ୟବସ୍ଥା କରାଯିବ । ମେଳା ଦିନମାନଙ୍କରେ ବିଦ୍ୟୁତ କାଟ୍ ନ ହେବା ପାଇଁ ନିର୍ବାହୀ ଯନ୍ତ୍ରୀ, ଟିପିସିଓଡ଼ିଏଲ, ପୁରୀ, ନିମାପଡା ପ୍ରତିଶ୍ରୁତି ଦେଇଥିଲେ । ଆବଶ୍ୟକ ଅନୁଯାୟୀ ଜେନେରେଟର ବ୍ୟବସ୍ଥା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବେ । ଏତଦ୍ ବ୍ୟତୀତ ଚନ୍ଦ୍ରଭାଗା ପୁଷ୍କରିଣୀ ପଶ୍ଚାତ୍ ଭାଗରେ ଥିବା ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାର ଗୁଡିକୁ ଆଲୋକିତ କରିବା ବ୍ୟବସ୍ଥା କରିବେ । ତତ୍ ସଙ୍ଗେ ସଙ୍ଗେ ନବଗ୍ରହ ନିକଟ ମଠ ସ୍ଥାନକୁ ଆଲୋକିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ସମସ୍ତ ଅସ୍ଥାୟୀ ଶିବିରକୁ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କରିବେ । ମେଳା ସମୟରେ ୫ ଗୋଟି ମରାମତି ଦଳ ଆବଶ୍ୟକ ବିଦ୍ୟୁତ ସରଞ୍ଜାମ ସହିତ ମୁତୟନ ରହିବେ ।

ମେଳା ସମୟରେ ହେଲିପ୍ୟାଡ , ମେଳା ପଡ଼ିଆ ଓ ମେରାଇନ ଡ୍ରାଇଭ ୩ ଗୋଟି ସ୍ଥାନରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ଆଲୋକ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା। ଆବଶ୍ୟକ ଅନୁଯାୟୀ ଜେନେରେଟର ବ୍ୟବସ୍ଥା ମଧ୍ୟ konark NAC କରିବେ । ନବଗ୍ରହ ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାରେ ପୂର୍ବ ବର୍ଷ ପରି ଆଲୋକ ବ୍ୟବସ୍ଥା କରିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା। ବିଦ୍ୟୁତ ବିଭାଗ ଓ କୋଣାର୍କ NAC ମିଳିତ ଭାବେ ଉତ୍ତମ ଆଲୋକ ବ୍ୟବସ୍ଥା କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ଆବଶ୍ୟକ ମରାମତି ଦଳ ମୁତୟନ କରାଯିବାକୁ TPCODL ଓ କୋଣାର୍କ NAC ଉଚିତ ପଦକ୍ଷେପ ନେବେ । ପୂର୍ବ ବର୍ଷ

ଅନୁରୂପ ବିଦ୍ୟୁତ ବିଭାଗ ନିଜର ଟ୍ରାଂସଫୋରମର୍ loading ଅନୁଯାୟୀ ପ୍ରସ୍ତୁତ କରି କୋଣାର୍କ NAC କର୍ତ୍ତୃପକ୍ଷଙ୍କୁ ଯୋଗାଇ ଦେବେ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସରାବରହରେ ସହଯୋଗ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ନିରବଚ୍ଛିନ୍ନ ବିଦ୍ୟୁତ ଆଲୋକ ଯୋଗାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଉଭୟ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଅର୍ପଣ କରାଗଲା ଏବଂ ଉକ୍ତ କାର୍ଯ୍ୟ ସବ୍ କମିଟି ଅଧକ୍ଷଙ୍କ ତଦାରଖରେ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

*[କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଅଧିକାରୀ ,କୋଣାର୍କ NAC /*
*ନିର୍ବାହୀ ଯନ୍ତ୍ରୀ ,TPCODL,ପୁରୀ ଓ ନିମାପଡା /ପ୍ରତ୍ନତତ୍ତ୍ୱ ଅଧିକାରୀ କୋଣାର୍କ]*

**୫) ପରିବହନ ଓ ରାସ୍ତାଘାଟ ମରାମତି ବ୍ୟବସ୍ଥା :**

ଚନ୍ଦ୍ରଭାଗା ମେଳା ଉପଲକ୍ଷେ ଯାତ୍ରୀମାନଙ୍କର ଗମନାଗମନ ପାଇଁ ଭୁବନେଶ୍ୱର-କୋଣାର୍କ, ପୁରୀ-କୋଣାର୍କ ଓ କାକଟପୁର-କୋଣାର୍କ ରାସ୍ତା ଗୁଡିକରେ ଯାତାୟାତ କରୁଥିବା ବସରେ ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ବସ ଭଡା ଧାର୍ଯ୍ୟ, ଦୁର୍ଘଟଣା ଏଡାଇବା ନିମନ୍ତେ କ୍ରେନ ,ଗାଡିର ବେଗ ଯାଞ୍ଚ କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ପରିବହନ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବେ । ଦୁର୍ଘଟଣା ଜନିତ ଗାଡିକୁ ଯଥାଶୀଘ୍ର ଅପସାରଣ ନିମନ୍ତେ ୨ ଗୋଟି **କ୍ରେନ୍** ମହଜୁଦ ରଖିବା ସହିତ ୪ ଗୋଟି Enforcement squad ଓ ୪ ଗୋଟି **Interceptor** ର ବ୍ୟବସ୍ଥା ନିମନ୍ତେ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା । ପ୍ରତ୍ୟେକ ଯାତ୍ରୀବାହୀ ବସ୍ ରେ ରେଟ ଚାର୍ଟ ଲଗାଯିବା ସହିତ ସ୍ୱତନ୍ତ୍ର squad ମୁତୟନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଗଲା । ମେଳା ଉପଲକ୍ଷେ ଯାନବାହାନ ଗୁଡିକୁ ୩ ଦିନ ପାଇଁ ସ୍ୱତନ୍ତ୍ର permit ଦିଆଯିବ ବୋଲି ଜିଲ୍ଲା ପରିବହନ ଅଧିକାରୀ, ପୁରୀ ବୈଠକରେ ପ୍ରକାଶ କରି ଥିଲେ । ମେଳା ସମୟରେ ରାସ୍ତା କଡରେ କୌଣସି ଦୋକାନ ବଜାର ରଖାଯିବ ନାହିଁ, ଏଥି ପ୍ରତି କୋଣାର୍କ NAC ଅଧିକାରୀ ଆବଶ୍ୟକ ପଦକ୍ଷେପ ନେବେ । ପ୍ରତି ବସରେ ପ୍ରାଥମିକ ଚିକିତ୍ସା ବାକ୍ସ ମହଜୁଦ ରଖିବା ପାଇଁ ବୈଠକରେ ସ୍ଥିର କରାଗଲା । ପରିବହନ ଅଧିକାରୀ ବସ୍ ଭଡା, ପାର୍କିଂ ,ଔଷଧ ଇତ୍ୟାଦି ସମ୍ପର୍କରେ ଗାଡି ମାଲିକମାନଙ୍କ ସହ ବୈଠକ କରି ଚୁଡାନ୍ତ କରିବେ ।

**(ଖ) ରାସ୍ତାଘାଟ ମରାମତି :**

ମେଳା ଉପଲକ୍ଷେ ଯାନବାହନ ନିରାପଦରେ ଚଳପ୍ରଚଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ଖାଲ ଢିପ ରାସ୍ତା ଗୁଡିକର ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ବାହୀ ଅଧିକାରୀ, କୋଣାର୍କ NACଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଗଲା । ଯାତ୍ରୀମାନଙ୍କର ଚଳପ୍ରଚଳ ନିମନ୍ତେ କୋଣାର୍କ ଠାରୁ ଚନ୍ଦ୍ରଭାଗା ଦେଇ ରାମଚଣ୍ଡୀ ପର୍ଯ୍ୟନ୍ତ ଜାତୀୟ ରାଜପଥ କଡରେ ଥିବା ଘାସ ,କଣ୍ଟା ବୁଦାକୁ ମେଳା ପୂର୍ବରୁ ସଫା କରିବା ପାଇଁ ବୈଠକରେ NH କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଗଲା । ନବଗ୍ରହ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ନିର୍ବାହୀ ଅଧିକାରୀ ,କୋଣାର୍କଙ୍କୁ ବୈଠକରେ

ପରାମର୍ଶ ଦିଆଗଲା। ଏଥି ସହିତ NH/PWD/NAC କର୍ତ୍ତୃପକ୍ଷ ନିଜ ନିଜ ରାସ୍ତା ଗୁଡିକୁ ଯାଞ୍ଚ କରି ଆବଶ୍ୟକ ମରାମତି କରିବାକୁ ବୈଠକରେ ପରାମର୍ଶ ଦିଆଗଲା ।

* ଚନ୍ଦ୍ରଭାଗା ପୁଷ୍କରିଣୀ ଚତୁଃପାର୍ଶ୍ୱ ରେ ବାରିକେଡ଼୍ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଅର୍ପଣ କରାଗଲା ।

* ହେଲିପ୍ୟାଡ ପାର୍କିଂ ସ୍ଥାନର ସଂଲଗ୍ନ ରାସ୍ତାକୁ ମରାମତି କରାଯିବା ଏବଂ ପ୍ରବେଶ/ପ୍ରସ୍ଥାନ ଫଳକ ଲଗାଯିବ ।

* ବସ୍ ଷ୍ଟାଣ୍ଡରେ ଥିବା ଖାଲଖମାକୁ NAC ମରାମତି କରିବେ ।

* କୋଣାର୍କ-ପିପିଲି ରାସ୍ତାକୁ R&B ଏବଂ ଆରକ୍ଷୀ ନିରୀକ୍ଷକ ,କୋଣାର୍କ ଯୁଗ୍ମ ତଦନ୍ତ କରି ପାର୍କିଂ ପାଇଁ ଓ ଗମନାଗମନ ଉପଯୋଗୀ ନିମନ୍ତେ ଆବଶ୍ୟକ କାର୍ଯ୍ୟ ପନ୍ଥା ଗ୍ରହଣ କରିବେ ।

* ବସଷ୍ଟାଣ୍ଡ ଅସ୍ଥାୟୀ ପାର୍କିଂ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାକୁ NAC ତୁରନ୍ତ ମରାମତି କରିବେ ।

* ଅତ୍ୟଧିକ କୁହୁଡିକୁ ଦୃଷ୍ଟିରେ ରଖି ଗାଡିଗୁଡିକରେ fog light ବ୍ୟବହାର ନିମନ୍ତେ ସଚେତନ କରାଯିବ ।

*[କାର୍ଯ୍ୟାନୁଷ୍ଠାନ : GM,WATCO ,ପୁରୀ/ନିର୍ବାହୀ ଅଧିକାରୀ ,କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ନିର୍ବାହୀ ଯନ୍ତ୍ରୀ ,RWSS,ପୁରୀ ]*

**(ଗ) ପାର୍କିଂ ବ୍ୟବସ୍ଥା :**

ଚନ୍ଦ୍ରଭାଗା ପୁଷ୍କରିଣୀର ପଶ୍ଚାତ୍ ଭାଗରେ ଥିବା ପାର୍କିଂ ଅଞ୍ଚଳରେ ଆଲୋକର ବ୍ୟବସ୍ଥା କରାଯିବ । କୋଣାର୍କ ବତୀ ଘରଠାରୁ ହେଲିପ୍ୟାଡ ମଧ୍ୟରେ ପାର୍କିଂ ବ୍ୟବସ୍ଥା କରିବା ନିମନ୍ତେ ପରାମର୍ଶ ଦିଆଗଲା । ଏହା ନିଲାମ ମାଧ୍ୟମରେ ସ୍ଥିର କରି ଜାଗାର ଉନ୍ନତିକରଣ କରିବା ନିମନ୍ତେ ପରାମର୍ଶ ଦିଆଗଲା । ଚନ୍ଦ୍ରଭାଗା ଫରେଷ୍ଟ ଡାକବଙ୍ଗଳା ପାଖରେ ୨ ଚକିଆ ଯାନ ପାର୍କିଂ ବ୍ୟବସ୍ଥା କରାଯିବ । ସକାଳ ୫ ଟାରୁ ରାତି ୮ ଘଟିକା ପର୍ଯ୍ୟନ୍ତ ୪ ଚକିଆ ଯାନ ଗୁଡିକ ଚନ୍ଦ୍ରଭାଗା ଠାରୁ ନବଗ୍ରହ ପର୍ଯ୍ୟନ୍ତ ଯାତାୟତ କରି ପାରିବେ ନାହିଁ ବୋଲି ପରିବହନ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ମୈତ୍ରୀ ମଣ୍ଡପ ପାଖରେ ଥିବା ଖାଲି ଜାଗାକୁ ସମତୁଲ କରି ପାର୍କିଂ ଉପଯୋଗୀ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଗଲା । ବସ ଷ୍ଟାଣ୍ଡ ମଧ୍ୟରେ ଖରାପ ହୋଇ ଯାଇଥିବା ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ନିମନ୍ତେ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କୁ ପରାମର୍ଶ ଦିଆଗଲା । ପାର୍କିଂ ସ୍ଥଳ ନିରୂପଣ କରି କୋଣାର୍କ ଏନଏସି ପାର୍କିଂ ଫୀ ଆଦାୟ ନିମନ୍ତେ ଏକ ସ୍କ୍ୱାଡ୍ ଗଠନ କରିବେ ଯେପରି ନିର୍ଦ୍ଧାରିତ ଦେୟଠାରୁ ଅଧିକ ଫିସ୍ ଆଦାୟ ନ ହେବ ସେଥିପାଇଁ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ପ୍ରତ୍ନତତ୍ତ୍ୱ ବିଭାଗ ,କୋଣାର୍କ ପାର୍କିଂ ସ୍ଥାନକୁ ସଫା କରିବା ସହିତ ମେଳା ୨ ଦିନ ଏବଂ ଅନ୍ୟାନ୍ୟ ଜନଗହଳି /ଯାତ୍ରା ଦିବସରେ ଯାନ ଗୁଡିକର ପାର୍କିଂ ବ୍ୟବସ୍ଥା କରିବାକୁ ପ୍ରତ୍ନତତ୍ତ୍ୱ ଅଧିକାରୀ,କୋଣାର୍କଙ୍କୁ ବୈଠକରେ ପରାମର୍ଶ ଦିଆଗଲା ଏବଂ IOCL ର ଜାଗାକୁ ପାର୍କିଂ ପାଇଁ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା।

* କୋଣାର୍କ ମହୋତ୍ସବ ସମୟରେ ଯେପରି ଗାଡି ଗୁଡିକର ଯାତାୟତ ପାଇଁ ଦୁଇ ପାଖିଆ ରାସ୍ତା (double barricading ) ବ୍ୟବସ୍ଥା କରଯାଇଥିଲା ସେହିପରି ଭାବେ ଚଳିତ ଚନ୍ଦ୍ରଭାଗା ମେଳା ସମୟରେ ମଧ୍ୟ କରାଯିବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

* ବସ ଗୁଡିକ କୋଣାର୍କ ଥାନା ପର୍ଯ୍ୟନ୍ତ ଆସିବାକୁ ଅନୁମତି ଦିଆଯିବ ।

* ବୁଲା ଗାଈଗୋରୁ ଇତ୍ୟାଦିଙ୍କୁ ତୁରନ୍ତ ଅପସାରଣ ନିମନ୍ତେ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ମେଳା ଉପଲକ୍ଷେ ଗାଈଗୋରୁ ମାନଙ୍କୁ ବାହାରକୁ ନ ଛାଡିବା ନିମନ୍ତେ NAC ତରଫରୁ ମାଇକ୍ ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଚାର କରିବେ ।

*[କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ / ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ/ ତହସିଲଦାର, ଗୋପ / ଆଞ୍ଚଳିକ ପରିବନ ଅଧିକାରୀ , ପୁରୀ / ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ / ପର୍ଯ୍ୟଟନ ଅଧିକାରୀ, ପୁରୀ/ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀ / ପୁରୀ ପ୍ରତ୍ନତତ୍ତ୍ୱ ବିଭାଗ, କୋଣାର୍କ ]*

**୬) ଶାନ୍ତି ଶୃଙ୍ଖଳା ରକ୍ଷା :-**

ବିଗତ ବର୍ଷ ଭଳି ଚଳିତ ବର୍ଷ ମେଳା ସମୟରେ ଆବଶ୍ୟକ ଆରକ୍ଷୀ ବାହିନୀ ମୁତୟନ କରାଯିବ ଓ ମେଳା ପଡିଆରେ, ରାସ୍ତାରେ ଓ ସମୁଦ୍ରକୂଳ ଇତ୍ୟାଦି ସ୍ଥାନରେ ପେଟ୍ରୋଲିଂ ବ୍ୟବସ୍ଥା କରାଯିବ । ସାଧା ପୋଷାକଧାରୀ ଆରକ୍ଷୀ ମୁତୟନର ବ୍ୟବସ୍ଥା କରାଯାଇଛି ଏବଂ ବୁଡ ପାଇଁ ପୁଷ୍କରିଣୀରେ special team ରହିବେ । ସାଂପ୍ରତିକ ସୁରକ୍ଷା ଦୃଷ୍ଟିକୋଣରୁ ଚନ୍ଦ୍ରଭାଗା ମେଳା ସମୟରେ ଜରୁରୀ ସ୍ଥାନମାନଙ୍କରେ CCTV Camera ଲଗାଯିବା ପାଇଁ କୋଣାର୍କ ବିଜ୍ଞାପିତ ଅଚଳ ପରିଷଦ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପୁରୀ ଙ୍କର ପରାମର୍ଶ ଅନୁଯାୟୀ ବ୍ୟବସ୍ଥା କରିବେ ।

ଫରେଷ୍ଟ ଅଫିସ୍ ପାଖରୁ ଏବଂ ବତୀଘରଠାରୁ ଦୂରରେ ଗାଡି ଗୁଡିକର ପାର୍କିଂ ବ୍ୟବସ୍ଥା କରାଯିବ । ଏତଦ୍ ବ୍ୟତୀତ କୋଣାର୍କ କଲେଜ ପଡିଆରେ ମଧ୍ୟ ଗାଡିଗୁଡିକର ପାର୍କିଂ ବ୍ୟବସ୍ଥା କରାଯିବ । ଆବଶ୍ୟକ ସଂଖ୍ୟକ ଲାଇଫ୍ ଗାର୍ଡ, ଓଡ୍ରାଫ୍ ବାହିନୀ ମୁତୟନ ନିମନ୍ତେ ଅଗ୍ନିଶମ ଅଧିକାରୀଙ୍କୁ ପରାମର୍ଶ ଦିଆଗଲା । ଏତଦ୍ ବ୍ୟତୀତ ସ୍ଥାନୀୟ ଲାଇଫ୍ ଗାର୍ଡମାନଙ୍କର ସହଯୋଗ ନିଆଯିବ । ଲାଇଫ୍ ଗାର୍ଡମାନେ ଯେପରି ଚନ୍ଦ୍ରଭାଗା ପୁଷ୍କରିଣୀ, ସମୁଦ୍ରକୂଳରେ ବିଛାଇ ହୋଇ ରହି କାର୍ଯ୍ୟ ସମ୍ପାଦନ କରିବେ ସେଥି ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା । ଉକ୍ତ କାର୍ଯ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହଯୋଗ ନେବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପର୍ଯ୍ୟଟନ ଅଧିକାରୀ, କୋଣାର୍କକୁ ଦାୟିତ୍ୱ ଦିଆଗଲା ।

*[କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ /ଆରକ୍ଷୀ ନିରୀକ୍ଷକ, କୋଣାର୍କ / ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ/ଅଗ୍ନିଶମ ଅଧିକାରୀ, ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ]*

**୭) ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ :-**

ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମେଳା ନିମନ୍ତେ ପ୍ରଚୁର ପରିମାଣ ଜାଳେଣୀ କାଠ, ବିଡି କାଠ ମହଜୁଦ ରଖି ଲୋକମାନଙ୍କୁ ସୁଲଭ ଦରରେ ଯୋଗାଇ ଦେବା ନିମନ୍ତେ ବୈଠକରେ ଜିଲ୍ଲାପାଳ ବନ ବିଭାଗକୁ ପରାମର୍ଶ ଦେଇଥିଲେ ଏବଂ ଠାକୁର ମାନଙ୍କ ବିମାନ ନିମନ୍ତେ ଆବଶ୍ୟକ ବଲ୍ଲୀ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା । ଏକ ଅସ୍ଥାୟୀ ଡିପୋ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ମେଳା ସମୟରେ ଖାଉଟି ଦ୍ରବ୍ୟ ଗୁଡିକର ଦରଦାମ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ଯୋଗାଣ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବେ ।

*[କାର୍ଯ୍ୟାନୁଷ୍ଠାନ : ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ/ ବନଖଣ୍ଡ ଅଧିକାରୀ, କୋଣାର୍କ / କାର୍ଯ୍ୟ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ]*

**୮) ସୂଚନା ଓ ପ୍ରସାରଣ ବ୍ୟବସ୍ଥା :-**

ଚନ୍ଦ୍ରଭାଗା ମେଳାକୁ ଦୃଷ୍ଟିରେ ରଖି ତା ୨୭.୦୧.୨୦୨୩ରିଖ ଠାରୁ ୨୮.୦୧.୨୦୨୩ ରିଖ ପର୍ଯ୍ୟନ୍ତ ବୁଡ ଉପଲକ୍ଷେ ସୂଚନା ଓ ପ୍ରସାରଣ ବିଭାଗ ଜନ ସଚେତନତା ଶିବିର ସହିତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ମେଳା ସମୟରେ ହଜିବା ଓ ଖୋଜିବା ବ୍ୟକ୍ତିଙ୍କୁ ସୂଚନା ଡାକ ବାଜି ଯନ୍ତ୍ର ମାଧ୍ୟମରେ ମେଳା ପଡିଆ, ସୂର୍ଯ୍ୟ ମନ୍ଦିର ,ବସ ଷ୍ଟାଣ୍ଡ ନିକଟରେ ଶିବିର କରି ସୂଚନା ପ୍ରଦାନ କରିବେ । ତତ୍ ସଙ୍ଗେ ସଙ୍ଗେ ଯାତ୍ରୀ ମାନଙ୍କର ସୁବିଧା ନିମନ୍ତେ ପାନୀୟ ଜଳ ,ପୁଲିସ କ୍ୟାମ୍ପ ,ଜାଳେଣୀ କାଠ ,ସମୁଦ୍ର ଭିତରକୁ ନଯିବା ,ପାଇଖାନା ପରିଶ୍ରଗାର ଏବଂ dustbin ବ୍ୟବହାର ଆଦି ସମ୍ପର୍କରେ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ପ୍ରଦାନ କରିବେ । ମେଳା ପଡିଆରେ ଗଣମାଧ୍ୟମ ନିମନ୍ତେ ଏକ press galary କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ଏବଂ ଏହା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ ନିର୍ବାହୀ ଅଧିକାରୀ,କୋଣାର୍କ NAC ଙ୍କ ତତ୍ତ୍ୱବଧାନରେ ପରିଚାଳିତ ହେବ ।

*[କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ / ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ/ ତହସିଲଦାର, ଗୋପ / ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ]*

**ଖ) ସାଂସ୍କୃତିକ କାର୍ଯ୍ୟକ୍ରମ :-**

ଚଳିତ ବର୍ଷ ମାଘମେଳା ଉପଲକ୍ଷେ ଆବଶ୍ୟକ ସାଂସ୍କୃତିକ କାର୍ଯ୍ୟକ୍ରମ ଦଳ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗାଇଦେବେ । ଆବଶ୍ୟକ ସାଂସ୍କୃତିକ ଦଳ ସମ୍ବନ୍ଧେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଆବେଦନ କଲେ ଆବଶ୍ୟକ ମୁତାବକ ସାଂସ୍କୃତିକ ଦଳ ଠାକୁରଙ୍କ ଶୋଭା ଯାତ୍ରା ପାଇଁ ଯୋଗାଇ ଦିଆଯିବ । ମେଳା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ tent ,stage, Green room, କଳାକାର ବିଶ୍ରାମ କକ୍ଷ ଇତ୍ୟାଦି ପୂର୍ତ୍ତ ବିଭାଗ ବିଗତ ବର୍ଷ ପରି କରିବେ । ତତ୍ ସଙ୍ଗେ ସଙ୍ଗେ ଶୋଭାଯାତ୍ରା ପାଇଁ ବିଜ୍ଞାପିତ ଅଞ୍ଚଳ ପ୍ରସ୍ତାବ ଦେଲେ ସଂସ୍କୃତି ବିଭାଗ ତରଫରୁ ଆବଶ୍ୟକ ସାଂସ୍କୃତିକ ଦଳ ଯୋଗାଇ ଦିଆଯିବ ବୋଲି ସଂସ୍କୃତି ଅଧିକାରୀ ବୈଠକରେ

ମତ ବ୍ୟକ୍ତ କରିଥିଲେ । ବିଗତ ବର୍ଷ ପରି ଚଳିତ ବର୍ଷ ରାତି ସାରା ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ବୋଲି ସଂସ୍କୃତି ଅଧିକାରୀ ବୈଠକରେ ସୂଚନା ଦେଇଥିଲେ । ଏହି ଚନ୍ଦ୍ରଭାଗା ମେଳାକୁ ଲୋକାଭିମୁଖୀ କରିବା ପାଇଁ 4/5 ଗୋଟି ପ୍ରମୁଖ ସ୍ଥାନରେ signage ଲଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ମେଳା ସମୟରେ ଯେପରି ଶବ୍ଦ ପ୍ରଦୂଷଣ ନହୁଏ ଏବଂ ଅଧିକ ଶବ୍ଦରେ ବାଦ୍ୟ ଯନ୍ତ୍ର ନ ଶୁଣା ଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ସମ୍ପୃକ୍ତ ବିଭାଗ ଓ NAC କର୍ତ୍ତୃପକ୍ଷଙ୍କୁ ଦାୟୀତ୍ୱ ଦିଆଗଲା ।

*[କାର୍ଯ୍ୟାନୁଷ୍ଠାନ : ଆରକ୍ଷୀ ଅଧିକ୍ଷକ, ପୁରୀ / ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୁରୀ/ ତହସିଲଦାର, ଗୋପ / ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ /ସଂସ୍କୃତି ଅଧିକାରୀ,ପୁରୀ]*

**୯ ) ପବିତ୍ର ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ :-**

ଚନ୍ଦ୍ରଭାଗା ପୁଷ୍କରିଣୀର ପଙ୍କ ଉଦ୍ଧାର ଓ ପରିଷ୍କାର ନିମନ୍ତେ ଅଧିକ୍ଷଣ ଯନ୍ତ୍ରୀ ,Drainage ବିଭାଗକୁ ପୂର୍ବ ବର୍ଷ ପରି ଦାୟିତ୍ୱ ଅର୍ପଣ କରାଯାଇଥିଲା ଏବଂ ଏହି କାର୍ଯ୍ୟକୁ Drainage ବିଭାଗ ଶେଷ କରି ତା- ୨୧.୧.୨୦୨୩ ରଖ ସୁଧା ନିର୍ବାହୀ ଅଧିକାରୀ, କୋଣାର୍କ NAC ଙ୍କୁ ହସ୍ତାନ୍ତର କରିଛନ୍ତି ବୋଲି ବୈଠକରେ ପ୍ରକାଶ କରିଥିଲେ । ନିର୍ବାହୀ ଅଧିକାରୀ, କୋଣାର୍କ NAC ପୁଷ୍କରିଣୀର ପାଣିର ମାନ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା । ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଗୋଟିଏ ଟିମ୍ ଉକ୍ତ ପଙ୍କ ଉଦ୍ଧାର ଏବଂ ପରିଷ୍କାର କାର୍ଯ୍ୟ ଯାଞ୍ଚ କରିବେ । ଚନ୍ଦ୍ରଭାଗା ପୁଷ୍କରିଣୀର ରକ୍ଷଣାବେକ୍ଷଣ କାର୍ଯ୍ୟ , ସ୍ନାନ ନିମନ୍ତେ ପବିତ୍ର ପୁଷ୍କରିଣୀର ଅଳିଆ ଆବର୍ଜନା ସଫା କରିବା ସହିତ ପୁଷ୍କରିଣୀର ଜଳକୁ ସ୍ୱଚ୍ଛ କରିବା ନିମନ୍ତେ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କୁ ଦାୟିତ୍ୱ ଅର୍ପଣ କରାଗଲା ।

*[କାର୍ଯ୍ୟାନୁଷ୍ଠାନ : ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ବିଭାଗ, ପୁରୀ ଓ ଭୁବନେଶ୍ୱର/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ]*

**୧୦) ଅନ୍ୟାନ୍ୟ:-**

କ) ଚନ୍ଦ୍ରଭାଗା ମେଳା ଉପଲକ୍ଷେ ତା.୩୧.୦୧.୨୦୨୦ ରିଖ ଠାରୁ ତା ୦୧.୦୨.୨୦୨୦ ରିଖ ପର୍ଯ୍ୟନ୍ତ କୋଣାର୍କ ଓ ତତ୍ ସଂଲଗ୍ନ ଅଞ୍ଚଳରେ ଥିବା ସମସ୍ତ ମଦ ଦୋକାନଗୁଡିକୁ ବନ୍ଦ କରାଯିବା ସହ ସମସ୍ତ ପ୍ରକାର ଚୋରା ମଦ ବିକ୍ରି ନ କରାଯିବା ନିମନ୍ତେ ଅବକାରୀ ଅଧିକ୍ଷକ ଏବଂ ଆରକ୍ଷୀ ନିରୀକ୍ଷକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ମୁତୟନ ରହିବେ ।

ଖ) ମନ୍ଦିର ଚତୁଃପାର୍ଶ୍ୱରେ ଶୃଙ୍ଖଳିତ ଭାବରେ ଉଠାଦୋକାନ ସ୍ଥାନାନ୍ତରିତ କରିବା ପାଇଁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ ଆରକ୍ଷୀ ନିରୀକ୍ଷକ/ ତହସିଲଦାର, ଗୋପ ଙ୍କୁ ପରାମର୍ଶ ଦିଆଯାଇଥିଲା ।

ଗ) ସମସ୍ତ ସରକାରୀ ବିଭାଗର ନିୟନ୍ତ୍ରଣ କକ୍ଷ ଆରକ୍ଷୀ ଅଧିକ୍ଷକଙ୍କର ଶିବିର ନିକଟରେ ସ୍ଥାପନ କରିବା ନିମନ୍ତେ ଉକ୍ତ ବୈଠକରେ ସ୍ଥିର କରାଗଲା ।

ଘ) ଚନ୍ଦ୍ରଭାଗା ପବିତ୍ର ପୁଷ୍କରିଣୀରେ ବୁଡ ନିମନ୍ତେ ଦଫାବାରି ୪୦୦ ଶହ ଭକ୍ତଙ୍କୁ ଛଡାଯିବା ନିମନ୍ତେ ସ୍ଥିର କରାଗଲା

ଙ) ମେଳା ସମୟରେ ମୋବାଇଲ network ଠିକ ଭାବେ କାର୍ଯ୍ୟ କରୁନଥିବାରୁ network upgrade ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ BSNL କର୍ତ୍ତୃପକ୍ଷଙ୍କୁ ଦାୟୀତ୍ୱ ଦିଆଗଲା ।

ଚ) କୋଣାର୍କ ମନ୍ଦିର ଭିତରେ ବେଆଇନ ଭାବେ ଭୋଗ ନିମନ୍ତେ କୌଣସି ବ୍ୟକ୍ତିଙ୍କଠାରୁ ଅର୍ଥ ଆଦାୟ ହେଉଥିଲେ ତାହା ବନ୍ଦ କରିବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧୀଙ୍କୁ ପରାମର୍ଶ ଦିଆଗଲା। ସେ ମଧ୍ୟ ମନ୍ଦିର ପରିସରକୁ ସଫା ଓ ଆଲୋକିତ କରିବା ତଥା ବେଆଇନ ଭାବେ ଭୋଗ ନିମନ୍ତେ କୌଣସି ବ୍ୟକ୍ତିଙ୍କ ଠାରୁ ଅର୍ଥ ଆଦାୟ ନକରିବା ପାଇଁ ଆବଶ୍ୟକ ପଦକ୍ଷପ ଗ୍ରହଣ କରିବେ ଏବଂ ନବଗ୍ରହ ନିକଟରେ ଯେପରି ନଡିଆ,ପଇସା ଭକ୍ତ ମାନେ ନପକାନ୍ତି ସେଥିପ୍ରତି ଦୃଷ୍ଟି ଦେବେ । ମେଳା ୨ ଦିନ ପାଇଁ ନବଗ୍ରହ ନିକଟ ରାସ୍ତାକୁ ମେଳା ଉପଲକ୍ଷେ ଖୋଲା ଯିବା ପାଇଁ ବୈଠକରେ ସ୍ଥିର କରାଗଲା।

ଛ)ଅସ୍ଥାୟୀ ଦୋକାନ ଗୁଡିକୁ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପ ତହସିଲର ଅମିନଙ୍କୁ ନେଇ ଯାଗା ଚିହ୍ନଟ କରି ଏକ ଧାଡିରେ ସୁନ୍ଦର ଭାବରେ କରିବାପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

ଜ) ଚନ୍ଦ୍ରଭାଗା ମେଳା ସମୟରେ ୨୫୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ଏବଂ ଉକ୍ତ କାର୍ଯ୍ୟ ଶ୍ରୀ ରାମକୃଷ୍ଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ବୈଠକରେ ସ୍ଥିର କରାଗଲା । ଉକ୍ତ ସ୍ୱେଚ୍ଛାସେବୀ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ । NAC ତରଫରୁ ସେମାନଙ୍କୁ ଖାଦ୍ୟ,ପାଣି ଇତ୍ୟାଦି ଯୋଗାଇ ଦିଆଯିବ ।

*[ କାର୍ଯ୍ୟାନୁଷ୍ଠାନ:- ଆରକ୍ଷୀ ଅଧିକ୍ଷକ, ପୁରୀ / ଅବକାରୀ ଅଧିକ୍ଷକ, ପୁରୀ/ ନିର୍ବାହୀ ଅଧିକାରୀ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ/ ତହସିଲଦାର, ନିମାପଡା/ ଗୋପ-କୋଣାର୍କ/ କାକଟପୁର/ ସହକାରୀ ଅଗ୍ନିଶମ ଅଧିକାରୀ, ପୁରୀ]*

ପରିଶେଷରେ ଚନ୍ଦ୍ରଭାଗା ମେଳା ଶୃଙ୍ଖଳିତ ଓ ସୁଚାରରୂପେ ସମ୍ପାଦନ କରିବା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ, ଜନସାଧାରଣ, ପୂଜକ,ସ୍ୱେଚ୍ଛାସେବୀମାନଙ୍କ ସହଯୋଗ କାମନା କରି ସଭା ସଂାଗ କରାଗଲା ।

ଜିଲ୍ଲାପାଳ,ପୁରୀ ॥

**ଉପପତ୍ର ସଂଖ୍ୟା-** ୨୨୦ **/ସାଓ ବି., ତା-** ୨୪.୦୧.୨୦୨୩

ଏହାର ଏକକିତା ନକଲ ସମସ୍ତ ସଭ୍ୟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜ ବିଭାଗ ଦ୍ୱାରା ନେବାକୁ ଥିବା କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ସଠିକ ଅନୁପାଳନ ବିବରଣୀ ଜିଲ୍ଲାପାଳ,ପୁରୀଙ୍କ ଅବଗତି ନିମନ୍ତେ ପ୍ରେରଣା କରିବାକୁ ଅନୁରୋଧ କରାଗଲା ।

ଜିଲ୍ଲାପାଳ,ପୁରୀ ॥

ଉପପତ୍ର ସଂଖ୍ୟା- ୨୬୧ /ସାଓ ବି., ତା- ୨୪.୦୯.୨୦୨୩

ଏହାର ଏକକିତା ନକଲ ସଚିବ,ଜଳ ସମ୍ପଦ ବିଭାଗ ,ଓଡିଶା, ଭୁବନେଶ୍ୱର/ନିର୍ଦ୍ଦେଶକ,ଗୃହ ଓ ନଗର ଉନ୍ନୟନ ବିଭାଗ,ଓଡିଶା, ଭୁବନେଶ୍ୱର / ନିର୍ଦ୍ଦେଶକ,ସୂଚନା ଓ ଲୋକ ସମ୍ପର୍କ ବିଭାଗ,ଓଡିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ,ସଂସ୍କୃତି ବିଭାଗ,ଓଡିଶା, ଭୁବନେଶ୍ୱର/ ନିର୍ଦ୍ଦେଶକ,ପର୍ଯ୍ୟଟନ ବିଭାଗ,ଓଡିଶା, ଭୁବନେଶ୍ୱର/ଅଧିକ୍ଷକ ,ପ୍ରତ୍ନତତ୍ତ୍ୱ ବିଭାଗ,ଅଓଡିଶା,ଭୁବନେଶ୍ୱର /ଆରକ୍ଷୀ ମହାନିର୍ଦ୍ଦେଶକ ,ଓଡିଶା,ଭୁବନେଶ୍ୱର/ସଚିବ,କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ,କଟକ /ଅଗ୍ନିଶମ ଅଧିକାରୀ,ଓଡିଶା,କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ପୁରୀ ॥

ଉପପତ୍ର ସଂଖ୍ୟା- ୨୬୨ /ସାଓ ବି., ତା- ୨୪.୦୯.୨୦୨୩

ଏହାର ଏକକିତା ନକଲ ଆରକ୍ଷୀ ଅଧିକ୍ଷକ ,ପୁରୀ/ଉପନିର୍ଦ୍ଦେଶକ ,ଦୂରଦର୍ଶନ ,ଓଡିଶା,ଭୁବନେଶ୍ୱର/ଅଧିକ୍ଷଣ ଯନ୍ତ୍ରୀ, ଗୃହ ଓ ପୂର୍ତ୍ତ ବିଭାଗ,ପୁରୀ/ନିର୍ବାହୀ ଯନ୍ତ୍ରୀ,TPCODL,ପୁରୀ ଓ ନିମାପଡା/ ଜେନେରାଲ ମ୍ୟାନେଜର, WATCO, ପୁରୀ/ ନିର୍ବାହୀ ଯନ୍ତ୍ରୀ,RWSS,ପୁରୀ/ଜିଲ୍ଲା ସଂସ୍କୃତି ଅଧିକାରୀ,ପୁରୀ/ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ପୁରୀ /ସହକାରୀ ଯନ୍ତ୍ରୀ ,ଆକାଶବାଣୀ ,ପୁରୀ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ପୁରୀ ॥

ଉପପତ୍ର ସଂଖ୍ୟା- ୨୬୩ /ସାଓ ବି., ତା- ୨୪.୦୯.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ,NIC,ପୁରୀଙ୍କ ଅବଗତି ତଥା ୱେବସାଇଟରେ ପ୍ରସାରଣ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ,ପୁରୀ ॥